# .. ଶ୍ରୀମଦ୍ଭଗବଦ୍ଗୀତା ଷୋଡଶୋଽଧ୍ୟାୟଃ (ଦୈବାସୁରସଂପଦ୍ବିଭାଗଯୋଗଃ) ..

CHAPTER 16
DIVINE AND THE DEMONIC QUALITIES

## ଅଥ ଷୋଡଶୋଽଧ୍ୟାୟଃ . ଦୈବାସୁରସଂପଦ୍ବିଭାଗଯୋଗଃ

## ଶ୍ରୀଭଗବାନୁବାଚ .

## ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ .
## ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ .. ୧୬-୧ ..

ଶ୍ରୀଭଗବାନ୍ କହିଲେ -- ଭୟର ସର୍ବଥା ଅଭାବ, ଅନ୍ତଃକରଣର ପୂର୍ଣ୍ଣନିର୍ମଳତା, ତତ୍ତ୍ୱଜ୍ଞାନ ପାଇଁ ଧ୍ୟାନଯୋଗରେ ନିରନ୍ତର ଦୃଢସ୍ଥିତି ଓ ସାତ୍ତ୍ୱିକ ଦାନ, ଇନ୍ଦ୍ରିୟଦମନ, ଭଗବାନ୍, ଦେବତା ଓ ଗୁରୁଜନମାନଙ୍କର ପୂଜା ତଥା ଅଗ୍ନିହୋତ୍ର ଆଦି ଉତ୍ତମ କର୍ମ ଆଚରଣ ଏବଂ ବେଦ-ଶାସ୍ତ୍ରାଦିର ପଠନ-ପାଠନ ତଥା ଭଗବାନଙ୍କର ନାମ ଓ ଗୁଣ କୀର୍ତ୍ତନ, ସ୍ୱଧର୍ମପାଳନପାଇଁ କଷ୍ଟସହନ ଏବଂ ଶରୀର ତଥା ଇନ୍ଦ୍ରିୟମାନଙ୍କ ସହିତ ଅନ୍ତଃକରଣର ସରଳତା, --- ||୧୬-୦୧||

The Supreme Lord said: Fearlessness, purity of heart, perseverance in the yoga of knowledge, charity, sense restraint, sacrifice, study of the scriptures, austerity, honesty; (16.01)

## ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାଂତିରପୈଶୁନମ୍ .
## ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଲମ୍ .. ୧୬-୨ ..

କାୟମନୋବାକ୍ୟରେ କାହାରିକୁ କୌଣସିପ୍ରକାର କଷ୍ଟ ନ ଦେବା, ଯଥାର୍ଥ ଓ ପ୍ରିୟ ବଚନ କହିବା, ନିଜର ଅପକାର କରୁଥିବା ଲୋକ ପ୍ରତି ମଧ୍ୟ କ୍ରୋଧ ନ କରିବା, କର୍ମରେ କର୍ତ୍ତୃତ୍ୱ ଅଭିମାନ ତ୍ୟାଗ, ଅନ୍ତଃକରଣର ଉପରିତ ଅର୍ଥାତ୍ ଚିତ୍ତଚଞ୍ଚଳତାର ଅଭାବ, କାହାରି ମଧ୍ୟ ନିନ୍ଦା ଆଦି ନ କରିବା, ସବୁ ପ୍ରାଣୀଙ୍କ ପ୍ରତି ଅହେତୁକ ଦୟା, ଇନ୍ଦ୍ରିୟମାନଙ୍କର ବିଷୟମାନଙ୍କ ସହିତ ସଂଯୋଗ ହେଲେ ମଧ୍ୟ ସେଥିରେ ଆସକ୍ତିନହେବା, କୋମଳତା, ଲୋକାଚାର ଓ ଶାସ୍ତ୍ରବିରୁଦ୍ଧ ଆଚରଣରେ ଲଜ୍ଜା ଏବଂ ବ୍ୟର୍ଥଚେଷ୍ଟାର ଅଭାବ, --- ||୧୬-୦୨||

Nonviolence, truthfulness, absence of anger, renunciation, equanimity, abstaining from malicious talk, compassion for all creatures, freedom from greed, gentleness, modesty, absence of fickleness; (16.02)

## ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା .

## ଭବଂତି ସଂପଦଂ ଦୈବୀମଭିଜାତସ୍ୟ ଭାରତ .. ୧୬-୩..

ତେଜ, କ୍ଷମା, ଧୈର୍ଯ୍ୟ, ବାହ୍ୟଶୁଦ୍ଧି, ଏବଂ କାହାରି ଠାରେ ବି ଶତ୍ରୁ ଭାବ ନ ହେବା ଓ ନିଜଠାରେ ପୂଜ୍ୟତା-ଅଭିମାନର ଅଭାବ-- ହେ ଅର୍ଜୁନ ! ଏସବୁ ହେଉଛି ଦୈବୀ ସମ୍ପଦ ନେଇ ଜନ୍ମ ହୋଇଥିବା ପୁରୁଷଙ୍କ ଲକ୍ଷଣ ||୧୬-୦୩||

Splendor, forgiveness, fortitude, cleanliness, absence of malice, and absence of pride; these are the qualities of those endowed with divine virtues, O Arjuna. (16.03)

## ଦଂଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ .

## ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ସଂପଦମାସୁରୀମ୍ .. ୧୬-୪..

ହେ ପାର୍ଥ ! ଦମ୍ଭ, ଗର୍ବ ଓ ଅଭିମାନ ତଥା, କ୍ରୋଧ, କଠୋରତା ଓ ଅଜ୍ଞାନ -- ଏସବୁ ହେଉଛି ଆସୁରୀ ସମ୍ପଦ ନେଇ ଜନ୍ମ ହୋଇଥିବା ପୁରୁଷର ଲକ୍ଷଣ ||୧୬-୦୪||

Hypocrisy, arrogance, pride, anger, harshness, and ignorance; these are the marks of those who are born with demonic qualities, O Arjuna. (16.04)

## ଦୈବୀ ସଂପଦ୍ବିମୋକ୍ଷାୟ ନିବଂଧାୟାସୁରୀ ମତା .

## ମା ଶୁଚଃ ସଂପଦଂ ଦୈବୀମଭିଜାତୋଽସି ପାଂଡବ .. ୧୬-୫..

ଦୈବୀ ସମ୍ପଦ ମୁକ୍ତିପ୍ରଦ ଓ ଆସୁରୀସମ୍ପଦ ବନ୍ଧନକାରକ ବୋଲି ସ୍ୱୀକାର କରାଯାଇଛି | ଏଣୁ ହେ ଅର୍ଜୁନ ! ତୁମେ ଶୋକ କର ନାହିଁ; କାରଣ ତୁମେ ଦୈବୀ ସମ୍ପଦ ନେଇ ଜନ୍ମ ହୋଇଛ ||୧୬-୦୫||

Divine qualities lead to nirvana, the demonic (qualities) are said to be for bondage. Do not grieve, O Arjuna, you are born with divine qualities. (16.05)

## ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ .

## ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥ ମେ ଶୃଣୁ .. ୧୬-୬..

ହେ ଅର୍ଜୁନ ! ଇହଲୋକରେ ଭୂତମାନଙ୍କର ସୃଷ୍ଟି ଅର୍ଥାତ୍ ମନୁଷ୍ୟସମୁଦାୟ ଦୁଇପ୍ରକାରର; ଗୋଟିଏ ଦୈବୀପ୍ରକୃତିର ଓ ଅନ୍ୟଟି ଆସୁରୀପ୍ରକୃତିର | ସେଦୁହିଁଙ୍କ ମଧ୍ୟରୁ ଦୈବୀପ୍ରକୃତିର ମନୁଷ୍ୟସମୁଦାୟ ବିଷୟରେ ତ ବିସ୍ତୃତଭାବରେ କୁହାଯାଇସାରିଛି, ବର୍ତ୍ତମାନ ତୁମେ ଆସୁରୀପ୍ରକୃତିର ମନୁଷ୍ୟ ସମୁଦାୟଙ୍କ ବିଷୟରେ ମଧ୍ୟ ବିସ୍ତାରପୂର୍ବକ ମୋଠାରୁ ଶୁଣ |୧୬-୦୬||

There are two types of human beings in this world: the divine, and the demonic. The divine has been described at length, now hear from Me about the demonic, O Arjuna. (16.06)

## ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ .
## ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ .. ୧୬-୭..

ଆସୁରସ୍ୱଭାବର ମନୁଷ୍ୟମାନେ ପ୍ରବୃତ୍ତି ଓ ନିବୃତ୍ତି -- ଏହି ଉଭୟକୁ ଜାଣନ୍ତି ନାହିଁ | ତେଣୁ ସେମାନଙ୍କ ଠାରେ ବାହ୍ୟ ଓ ଅନ୍ତଃ ଶୁଦ୍ଧି ନ ଥାଏ, କି ସେମାନଙ୍କର ଆଚରଣ ଶୁଦ୍ଧି ନ ଥାଏ, ତଥା ସେମାନଙ୍କ ଠାରେ ସତ୍ୟବାଦିତା ବି ନ ଥାଏ ||୧୬-୦୭||

Persons of demonic nature do not know what to do and what not to do. They neither have purity nor good conduct nor truthfulness. (16.07)

## ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ .
## ଅପରସ୍ପରସଂଭୂତଂ କିମନ୍ୟତ୍କାମହୈତୁକମ୍ .. ୧୬-୮..

ସେହି ଆସୁରୀପ୍ରକୃତିର ମନୁଷ୍ୟମାନେ କହନ୍ତି ଯେ, ଜଗତ ଆଶ୍ରୟ ରହିତ, ସର୍ବଥା ଅସତ୍ୟ ଓ ଈଶ୍ୱରରହିତ; ଏହା କେବଳ ସ୍ତ୍ରୀ-ପୁରୁଷଙ୍କ ସଂଯୋଗରୁ ନିଜେ ନିଜେ ଉତ୍ପନ୍ନ ହୋଇଛି; ଅତଏବ କେବଳ କାମ ହିଁ ଏହାର କାରଣ | ଏହା ଛଡା ଆଉ କ'ଣ ଅଛି ? || ୧୬-୦୮||

They say that the world is unreal, without a substratum, without a God, and without an order. The world is caused by lust (or Kaama) alone and nothing else. (16.08)

## ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋଽଲ୍ପବୁଦ୍ଧୟଃ .
## ପ୍ରଭବଂତ୍ୟୁଗ୍ରକର୍ମାଣଃ କ୍ଷୟାୟ ଜଗତୋଽହିତାଃ .. ୧୬-୯..

ଏହି ମିଥ୍ୟା ଜ୍ଞାନକୁ ଅବଲମ୍ବନ କରି ଯେଉଁମାନଙ୍କର ସ୍ୱଭାବ ନଷ୍ଟ ହୋଇଗଲାଣି ତଥା ଯେଉଁମାନଙ୍କର ବୁଦ୍ଧି ମନ୍ଦ, ଯେଉଁମାନେ ସମସ୍ତଙ୍କର ଅପକାରୀ, ସେହି କ୍ରୂରକର୍ମା ମନୁଷ୍ୟମାନଙ୍କର ସାମର୍ଥ୍ୟ କେବଳ ଜଗତର ବିନାଶ କରିବାକୁ ହିଁ ହୋଇଥାଏ | |୧୬-୦୯||

Adhering to this view these lost souls, with small intellect and cruel deeds, are born as enemies for the destruction of the world. (16.09)

## କାମମାଶ୍ରିତ୍ୟ ଦୁଷ୍ପୂରଂ ଦଂଭମାନମଦାନ୍ୱିତାଃ .
## ମୋହାଦ୍ଗୃହୀତ୍ୱାସଦ୍ଗ୍ରାହାନ୍ପ୍ରବର୍ତଂତେଽଶୁଚିବ୍ରତାଃ .. ୧୬-୧୦..

ସେହି ଦମ୍ଭ, ମାନ ଓ ମଦଯୁକ୍ତ ମନୁଷ୍ୟମାନେ କୌଣସିପ୍ରକାରେ ବି ପୂର୍ଣ୍ଣ ହେଉ ନ ଥିବା କାମନାମାନଙ୍କୁ ଆଶ୍ରୟ କରି, ଅଜ୍ଞାନବଶତଃ ମିଥ୍ୟା ସିଦ୍ଧାନ୍ତମାନ ଗ୍ରହଣ କରି ଓ ଭ୍ରଷ୍ଟ ଆଚରଣ ଧାରଣ କରି ସଂସାରରେ ବିଚରଣ କରନ୍ତି ||୧୬-୧୦||

Filled with insatiable desires, hypocrisy, pride, and arrogance; holding wrong views due to delusion; they act with impure motives. (16.10)

**ଚିଂତାମପରିମେୟାଂ ଚ ପ୍ରଲୟାଂତାମୁପାଶ୍ରିତାଃ .**

**କାମୋପଭୋଗପରମା ଏତାଵଦିତି ନିଶ୍ଚିତାଃ .. ୧୬-୧୧..**

ତଥା ସେମାନେ ମୃତ୍ୟୁପର୍ଯ୍ୟନ୍ତ ରହୁଥିବା ଅସଂଖ୍ୟ ଚିନ୍ତାକୁ ଆଶ୍ରୟ କରି ଏବଂ ବିଷୟଭୋଗପରାୟଣ ହୋଇ

'ଏତିକି ହିଁ ସୁଖ' ବୋଲି ମନେ କରନ୍ତି ||୧୬-୧୧||

Obsessed with great anxiety until death, considering sense gratification as their highest aim, convinced that this (sense pleasure) is everything, (16.11)

**ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ .**

**ଈହଂତେ କାମଭୋଗାର୍ଥମନ୍ୟାୟେନାର୍ଥସଂଚୟାନ୍ .. ୧୬-୧୨..**

ଶତ ଶତ ଆଶାପାଶରେ ଆବଦ୍ଧ ହୋଇଥିବା ସେହି ମନୁଷ୍ୟମାନେ କାମକ୍ରୋଧପରାୟଣ ହୋଇ

ବିଷୟଭୋଗପାଇଁ ଅନ୍ୟାୟପୂର୍ବକ ଧନାଦି ସଂଗ୍ରହ କରିବାର ଚେଷ୍ଟାରେ ଲାଗିରହିଥାନ୍ତି ||୧୬-୧୨||

Bound by hundreds of ties of desire and enslaved by lust and anger; they strive to obtain wealth by unlawful means for the fulfillment of desires. They think: (16.12)

**ଇଦମଦ୍ୟ ମୟା ଲବ୍ଧମିମଂ ପ୍ରାପ୍ସ୍ୟେ ମନୋରଥମ୍ .**

**ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ .. ୧୬-୧୩..**

ସେମାନେ ଭାବନ୍ତି, 'ମୁଁ ଆଜି ଏହା ପାଇଗଲି ଏବଂ ଏଥର ଏହି ମନୋରଥ ପୂର୍ଣ୍ଣ ହୋଇଯିବ | ମୋ ପାଖରେ

ଏତିକି ଧନ ଅଛି ଏବଂ ଆହୁରି ମଧ୍ୟ ଏତକ ଧନ ମୋର ହୋଇଯିବ' ||୧୬-୧୩||

This has been gained by me today, I shall fulfill this desire, this is mine and this wealth also shall be mine in the future; (16.13)

**ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି .**

**ଈଶ୍ଵରୋଽହମହଂ ଭୋଗୀ ସିଦ୍ଧୋଽହଂ ବଲଵାନ୍ସୁଖୀ .. ୧୬-୧୪..**

'ସେହି ଶତ୍ରୁ ମୋ'ଦ୍ଵାରା ନିହତ ହୋଇଗଲା ଏବଂ ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ମୁଁ ମାରିଦେବି | ମୁଁ ଈଶ୍ଵର; ମୁଁ

ଐଶ୍ଵର୍ଯ୍ୟବାନ୍; ମୁଁ ସମସ୍ତ ସିଦ୍ଧିରେ ଯୁକ୍ତ, ବଳବାନ୍, ତଥା ସୁଖୀ |୧୬-୧୪||

That enemy has been slain by me, and I shall slay others also. I am the Lord. I am the enjoyer. I am successful, powerful, and happy; (16.14)

**ଆଢ୍ୟୋଽଭିଜନବାନସ୍ମି କୋଽନ୍ୟୋଽସ୍ତି ସଦୃଶୋ ମୟା .**

**ୟକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନବିମୋହିତାଃ .. ୧୬-୧୫..**

**ଅନେକଚିତ୍ତବିଭ୍ରାଂତା ମୋହଜାଲସମାବୃତାଃ .**

**ପ୍ରସକ୍ତାଃ କାମଭୋଗେଷୁ ପତଂତି ନରକେଽଶୁଚୌ .. ୧୬-୧୬..**

'ମୁଁ ବିରାଟ ଧନୀ ଓ ବିଶାଳ କୁଟୁମ୍ବୀ | ମୋ ସମାନ ଆଉ କିଏ ଅଛି? ମୁଁ ଯଜ୍ଞ କରିବି; ଦାନ ଦେବି ଓ ଆମୋଦପ୍ରମୋଦ କରିବି |' ଏପରିଭାବରେ ଅଜ୍ଞାନରେ ମୋହିତ, ଅନେକପ୍ରକାରେ ବିଭ୍ରାନ୍ତଚିତ୍ତ ତଥା ମୋହରୂପୀ ଜାଲରେ ଆବଦ୍ଧ ଓ ବିଷୟଭୋଗରେ ଅତ୍ୟନ୍ତ ଆସକ୍ତ ଆସୁରସ୍ଵଭାବର ଲୋକେ ଅତ୍ୟନ୍ତ ଅପବିତ୍ର ନରକରେ ପଡନ୍ତି ||୧୬-୧୫:୧୬||

I am rich and born in a noble family. I am the greatest. I shall perform sacrifice, I shall give charity, and I shall rejoice. Thus deluded by ignorance; (16.15)

Bewildered by many fancies; entangled in the net of delusion; addicted to the enjoyment of sensual pleasures; they fall into a foul hell. (16.16)

**ଆତ୍ମସଂଭାବିତାଃ ସ୍ତବ୍ଧା ଧନମାନମଦାନ୍ଵିତାଃ .**

**ୟଜଂତେ ନାମୟଜ୍ଞୈସ୍ତେ ଦଂଭେନାବିଧିପୂର୍ବକମ୍ .. ୧୬-୧୭..**

ନିଜେ ନିଜକୁ ହିଁ ଶ୍ରେଷ୍ଠ ମନେକରୁଥିବା ସେହି ଗର୍ବୀ ପୁରୁଷମାନେ ଧନ ଓ ମାନର ମଦରେ ଯୁକ୍ତ ହୋଇ କେବଳ ନାମମାତ୍ର ଯଜ୍ଞମାନଙ୍କ ଦ୍ଵାରା ଓ ଆଡମ୍ବରପୂର୍ବକ ଶାସ୍ତ୍ରବିଧିରହିତ ଯଜନ କରନ୍ତି ||୧୬-୧୭||

Self-conceited, stubborn, filled with pride and intoxication of wealth; they perform Yajna only in name, for show, and not according to scriptural injunction. (16.17)

**ଅହଂକାରଂ ବଲଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ .**

**ମାମାତ୍ମପରଦେହେଷୁ ପ୍ରଦ୍ଵିଷଂତୋଽଭ୍ୟସୂୟକାଃ .. ୧୬-୧୮..**

ଅହଙ୍କାର, ବଳ, ଗର୍ବ, କାମ ଓ କ୍ରୋଧପରାୟଣ ହୋଇ ଅନ୍ୟମାନଙ୍କୁ ନିନ୍ଦା କରୁଥିବା ସେହି ପୁରୁଷମାନେ ନିଜର ଓ ଅନ୍ୟମାନଙ୍କର ଶରୀରରେ ଅଧିଷ୍ଠିତ ଥିବା ଅନ୍ତର୍ଯାମୀରୂପୀ ମୋ'ସହିତ ହିଁ ଦ୍ଵେଷ କରନ୍ତି | ||୧୬-୧୮||

Clinging to egoism, power, arrogance, lust, and anger; these malicious people hate Me (who dwells) in their own body and others' bodies. (16.18)

**ତାନହଂ ଦ୍ୱିଷତଃ କ୍ରୂରାନ୍ସଂସାରେଷୁ ନରାଧମାନ୍ .**

**କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ .. ୧୬-୧୯..**

ସେହି ଦ୍ୱେଷ କରୁଥିବା ପାପାଚାରୀ ଓ କ୍ରୁରକର୍ମା ନରାଧମମାନଙ୍କୁ ମୁଁ ସଂସାରରେ ବାରମ୍ବାର ଆସୁରୀ ଯୋନିମାନଙ୍କରେ ହିଁ ନିକ୍ଷେପ କରେ ||୧୬-୧୯||

I hurl these haters, cruel, sinful, and mean people of the world, into the wombs of demons again and again. (16.19)

**ଆସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି .**

**ମାମପ୍ରାପ୍ୟୈବ କୌଂତେୟ ତତୋ ୟାଂତ୍ୟଧମାଂ ଗତିମ୍ .. ୧୬-୨୦..**

ହେ ଅର୍ଜୁନ ! ସେହି ମୂଢ ଲୋକମାନେ ମୋତେ ନ ପାଇ ଜନ୍ମଜନ୍ମାନ୍ତରରେ ଆସୁରୀ ଯୋନି ହିଁ ପାଆନ୍ତି; ତା'ଠାରୁ ବି ଅତି ନୀଚଗତି ପାଆନ୍ତି, ଅର୍ଥାତ୍ ଘୋର ନରକରେ ପଡନ୍ତି ||୧୬-୨୦||

O Arjuna, entering the wombs of demons birth after birth, the deluded ones sink to the lowest hell without ever attaining Me. (16.20)

**ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ .**

**କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ .. ୧୬-୨୧..**

କାମ, କ୍ରୋଧ ଓ ଲୋଭ -- ନରକର ଏହି ତିନି ପ୍ରକାର ଦ୍ୱାର ହିଁ ଆତ୍ମାର ବିନାଶ କରନ୍ତି ଅର୍ଥାତ୍ ତାହାର ଅଧୋଗତି ଘଟାଇଦିଅନ୍ତି | ଅତଏବ ଏହି ତିନୋଟିକୁ ତ୍ୟାଗ କରିଦେବା ଉଚିତ ||୧୬-୨୧||

Lust, anger, and greed are the three gates of hell leading to the downfall (or bondage) of Jeeva. Therefore, one must (learn to) give up these three. (16.21)

**ଏତୈର୍ବିମୁକ୍ତଃ କୌଂତେୟ ତମୋଦ୍ୱାରୈସ୍ତ୍ରିଭିର୍ନରଃ .**

**ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ୟାତି ପରାଂ ଗତିମ୍ .. ୧୬-୨୨..**

ହେ ଅର୍ଜୁନ ! ନରକର ଏହି ତିନି ଦ୍ୱାରରୁ ମୁକ୍ତ ହୋଇଥିବା ପୁରୁଷ ନିଜର କଲ୍ୟାଣ ଆଚରଣ କରନ୍ତି | ଏହାଦ୍ୱାରା ସେ ପରମଗତି ପାଆନ୍ତି ଅର୍ଥାତ୍ ମୋତେ ପାଆନ୍ତି ||୧୬-୨୨||

One who is liberated from these three gates of hell, O Arjuna, does what is best, and attains the supreme goal. (16.22)

**ୟଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତତେ କାମକାରତଃ .**

**ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍ .. ୧୬-୨୩..**

ଯେଉଁ ପୁରୁଷ ଶାସ୍ତ୍ରବିଧି ତ୍ୟାଗ କରି ନିଜ ଇଚ୍ଛାରେ ମନମୁଖି ଆଚରଣ କରେ, ସେ ସିଦ୍ଧି ପାଏ ନାହିଁ, କି ପରମଗତି ପାଏ ନାହିଁ, କି ସୁଖ ପାଏ ନାହିଁ ||୧୬-୨୩||

One who acts under the influence of their desires, disobeying scriptural injunctions, neither attains perfection nor happiness nor the supreme goal. (16.23)

**ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ୟାକାର୍ୟବ୍ୟବସ୍ଥିତୌ .**

**ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତୁମିହାର୍ହସି .. ୧୬-୨୪..**

ତେଣୁ ତୁମ ପାଇଁ ଏହି କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ନିର୍ଣ୍ଣୟରେ ଶାସ୍ତ୍ର ହିଁ ପ୍ରମାଣ |  ଏପରି ଜାଣି ତୁମେ ଶାସ୍ତ୍ରବିଧିଦ୍ୱାରା ନିୟତ କର୍ମ ହିଁ କରିବା ଉଚିତ  ||୧୬-୨୪||

Therefore, let the scripture be your authority in determining what should be done and what should not be done. You should perform your duty following the scriptural injunction. (16.24)

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ**

**ବ୍ରହ୍ମବିଦ୍ୟାୟାଂ ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**

**ଦୈବାସୁରସଂପଦ୍ୱିଭାଗୟୋଗୋ ନାମ ଷୋଡଶୋଽଧ୍ୟାୟଃ .. ୧୬..**

**

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO     odiaorg@gmail.com**